# THEMATIC POSTERS FOR LSE SESSION TRANSACTION

Reference Site

WWW.KISS-LSEANDARSH.ORG

# ବାଲ୍ୟ ବିବାହ ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣ

ଛବିକୁ ମାତ୍ର ୧୫ବର୍ଷ. ପାଖ ଗାଁରେ ଗୋଟିଏ ଭଲ ପରିବାର ଦେଖି ତା ବାପା ତା ବାହାଘର ସ୍ଥିର କରିଦେଇଛନ୍ତି ।



ନିର୍ଦ୍ଧାରିତ ସମୟରେ ଛବିର ବାହାଘର ହୋଇଗଲା ଗୋଟିଏ ବର୍ଷ ଭିତରେ ଛବି ଗର୍ଭବତୀ ହେଲା ।




ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ ହୋଇ ଛବି ତଥା ତାର ସନ୍ତାନ ଉଭୟ ବଞ୍ଚିପାରିଲେ ନାହିଁ ।



ଛବିର ଅବସ୍ଥା ଦେଖି ଡାକ୍ତରବାବୁ ଗାଁ ଲୋକଙ୍କୁ ନେଇ ଗୋଟିଏ ସଚେତନତା ଶିବିର ଆୟୋଜନ କଲେ ।




# ଲିଙ୍ଗ ବୈଶମ୍ୟତା

ଝିଅଟି ଖାଇ ବସିଲା ସମୟରେ ତା' ମା' ତାକୁ କାମ କରିବାକୁ କହୁଛନ୍ତି ।




ଝିଅଟି ସ୍କୁଲ ଯିବା ପାଇଁ ତା' ମା' ପାଖରେ ଅଳି କରୁଛି ।




ଝିଅଟିକୁ ଦେଖି ପୁଅ ପିଲାମାନେ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି. ଯାହା ଦ୍ୱାରା ଝିଅଟିର ମନ ବହୁତ ଦୁଃଖ ହେଉଛି ।




ଏତେ ଦୁଃଖ କଷ୍ଟପରେ ଝିଅଟି ବହୁତ ଦୁଃଖ ଅନୁଭବ କରୁଛି ।



# ସତର୍କ ରହିବା ସବୁବେଳେ ନିରାପଦ



# କିଛି ସ୍ୱାଭାବିକ ପରିବର୍ତ୍ତନ




**ସୂଚନା:** କୈଶୋର ଅବସ୍ଥାରେ ଅନେକ ଗୁଡ଼ିଏ ଶାରୀରିକ ପରିବର୍ତ୍ତନ ସହିତ ମୁଖରେ ବ୍ରଣ ହେବା ଏବଂ ତ୍ୱଚା ତୈଳାକ୍ତ ହେବା ସ୍ୱାଭାବିକ। ତେଣୁ ଉଚିତ୍ ମାତ୍ରାରେ ପୋଷଣ ତତ୍ତ୍ୱ ଯୁକ୍ତ ଖାଦ୍ୟ, ଜଳର ଉଚିତ୍ ପରିମାଣରେ ସେବନ, ତଥା ବ୍ୟାୟାମ ଦ୍ୱାରା ଲୋମଛିଦ୍ର ଖୋଲିଥାଏ ଏବଂ ଉଚିତ୍ ଭାବରେ ପରିଷ୍କାର କରିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

# ଆସ HIV/AIDS ବିଷୟରେ ଜାଣିବା




HIV ଅର୍ଥାତ୍ ହ୍ୟୁମେନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଓରସ୍ । ଏହା ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ନଷ୍ଟ କରିଦେଇଥାଏ । ଏହି ଜୀବାଣୁ ମଣିଷ ଶରୀରରେ ୨ରୁ ୧୦ବର୍ଷ ରହିବା ପରେ ତାର୍ ଲକ୍ଷଣ ଦେଖାଯାଇଥାଏ । ଯାହା AIDSରେ ପରିଣତ ହୋଇଥାଏ । ଏହି ପରିସ୍ଥିତିରେ ମଣିଷ କୌଣସି ରୋଗରେ ଆକ୍ରାନ୍ତ ହେଲେ ସେହି ରୋଗ ମଣିଷ ଶରୀରକୁ ଛାଡ଼ି ନଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିର୍ ଅଭାବ ହୋଇ୍ ମଣିଷ ଏକାଧାରାରେ ଅନେକ ଗୁଡ଼ିକ ରୋଗର୍ ଶିକାର୍ ହୋଇଥାଏ ।

## ପ୍ରତିରୋଧକ ବ୍ୟବସ୍ଥା




### ଶାରୀରିକ ସମ୍ବନ୍ଧରୁ ଦୂରେଇ ରହିବା



### ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା



### କଣ୍ଡମର ବ୍ୟବହାର




### ଭ୍ରାନ୍ତ ଧାରଣା

- ★ ମଶା କାମୁଡ଼ିବା ଦ୍ୱାରା HIV ବ୍ୟାପେ ।
- ★ ସଂକ୍ରମିତ ବ୍ୟକ୍ତି ସହିତ ଖାଇଲେ, କରମର୍ଦ୍ଦନ କଲେ, ଆଲିଙ୍ଗନ କଲେ, ଚୁମ୍ବନ ତଥା ମିଳାମିଶା କଲେ, ଏକା ସାଙ୍ଗରେ ଭୋଜନ କଲେ ମଧ୍ୟ HIV ବ୍ୟାପେ ।
- ★ ପାଟିର ଲାଳ, ଲୁହ, ସିଙ୍ଗାଣି ବା ଝାଳ ଦ୍ୱାରା ମଧ୍ୟ HIV ବ୍ୟାପେ ।

### କେତେକ ଜାଣିବା କଥା

- ★ ମଣିଷ ଶରୀରରେ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ୧୯୫୬ ମସିହାରେ ଦେଖା ଯାଇଥିଲା ।
- ★ ଭାରତରେ ପ୍ରଥମେ ୧୯୮୬ ମସିହାରେ ତାମିଲ୍‌ନାଡୁ ଠାରେ ଦେଖା ଯାଇଥିଲା ।
- ★ ଓଡ଼ିଶାରେ ୨୦୦୦ ମସିହାରେ କଟକ ଠାରେ ଦେଖା ଯାଇଥିଲା ।

ବର୍ତ୍ତମାନ ଓଡ଼ିଶାରେ ୧୮୪ଟି ICTC (Integrated Counseling and Treatment Centre) ପ୍ରତ୍ୟେକ ଡାକ୍ତରଖାନାରେ ଖୋଲା ଯାଇଛି । ତା ଛଡ଼ା ୬ଟି ART (Anti Retroviral Therapy Centre) ଖୋଲାଯାଇଛି । ସେଇଠି ମାଗଣାରେ ଔଷଧ ବିତରଣ କରାଯାଇଥାଏ ।

# ମୁଁ ବଦଳୁଛି


ମୀରାର୍ ବର୍ତ୍ତମାନ ବୟସ ୧୨ ରୁ ୧୩ ବର୍ଷ ।
ହଠାତ୍ ଶରୀରରେ ପରିବର୍ତ୍ତନ ହେବାର ଦେଖି ସେ ବ୍ୟସ୍ତ ।
ହେ ଭଗବାନ! ଏ ସବୁ କ'ଣ ହେଉଛି ମୋ ଶରୀରରେ!
କାହିଁକି ମୋର ମନ ଚଞ୍ଚଳ ରହୁଛି ?
ମୁଁ କାହିଁକି ସବୁବେଳେ ଅନ୍ୟମନସ୍କ ରହୁଛି ?
ଏସବୁ ମୁଁ କାହାକୁ କହିବି ?
ମୀରା ମା'କୁ କିଛି କହିବାକୁ ଚାହୁଁଛି
ମା' ମୁଁ ତୁମକୁ କିଛି କହିବାକୁ ଚାହୁଁଛି ।
ହଁ ମୀରା, କହ କ'ଣ କହିବା ପାଇଁ ଚାହୁଁଛୁ ?
ନା... ନା...
ମା' କୁ କେମିତି ଏସବୁ କହିବି ?
ମୀରା ତା ସାଙ୍ଗ ରୀନା ସହିତ ତା ନିଜ ବିଷୟରେ କିଛି କହୁଛି
କ'ଣ କରିବି ରୀନା ? ମୋତେ କେମିତି ଅଜବ ପ୍ରକାରର ଅନୁଭବ ହେଉଛି । କିଛି ଖରାପ ହେଲାପରି ଅନୁଭବ ହେଉଛି । ଶରୀର ଭାରି ଲାଗୁଛି, ମନ ଚଞ୍ଚଳ ଲାଗୁଛି ।
ମୀରା ଆଜିକାଲି ତମେ ବହୁତ ଅଲଗା ଦେଖାଯାଉଛ । ବେଶୀ ସୁସ୍ଥ ସବଳ ହେଇଯାଉଛ ।
ରୀନା ତା ସାଙ୍ଗ ମୀରାକୁ କହୁଛି
ମା ମୋତେ କହୁଥିଲେ, ଏହି ବୟସରେ ପ୍ରତ୍ୟେକ ଝିଅ ସେମିତିକି ଅନୁଭବ କରନ୍ତି । ଶାରୀରିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ମାନସିକ ପରିବର୍ତ୍ତନ ମଧ୍ୟ ହୋଇଥାଏ । ସେଥି ପାଇଁ ଆମ ମନ ଚଞ୍ଚଳ ହୁଏ ଏବଂ ଚିଡ଼ି ଚିଡ଼ି ଲାଗେ । ସାଙ୍ଗ ସାଥି ପୁଅ ପିଲାଙ୍କ ସହିତ ସମ୍ପର୍କ ଅଧିକ ହୁଏ । ତେଣୁ ସେହି ପରିସ୍ଥିତିକୁ ଆମେ ବୁଝି, ଠିକ୍ ଭାବରେ ସମ୍ମୁଖୀନ ହେବାକୁ ପଡ଼ିବ । ନହେଲେ ଏହି ବୟସରେ କିଛି ଅଘଟଣ ହେବାର ସମ୍ଭାବନା ଥାଏ । ତେଣୁ ଯାହା ଅନୁଭବ କରୁଛ ନିଜ ମା କିମ୍ବା ଗୁରୁଜନମାନଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।

# ଯୌନ ସଂକ୍ରମଣ ବିଷୟରେ ଧାରଣା

ନାରୀର ଯୌନ ପ୍ରଜନନ ଅଙ୍ଗରେ ବା ନଳୀରେ କୌଣସି ପ୍ରକାର ସଂକ୍ରମଣକୁ ପ୍ରଜନନ ଅଙ୍ଗ ସଂକ୍ରମଣ ବା ଆର୍.ଟି.ଆଇ.(RTI) କୁହାଯାଏ । ଏହା ଅପରିଷ୍କାର ରହିବା ଦ୍ୱାରା, ଅସୁରକ୍ଷିତ ଗର୍ଭପାତ ଦ୍ୱାରା, ପ୍ରସବ ସମୟରେ ଅପରିଷ୍କୃତ ହାତ ତଥା ଅଶୋଧିତ ଯନ୍ତ୍ରପାତି ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇଥାଏ ।

ଝିଅଟି ତଳି ପେଟରେ୍ ଦରଜ ଅନୁଭବ କରୁଥିବାରୁ ବହୁତ କଷ୍ଟ ପାଉଛି ।




**କାରଣ:**

- ରକ୍ତସ୍ରାବ ସମୟରେ ଅପରିଚ୍ଛନ୍ନତା ।
- ମଳତ୍ୟାଗ ଓ ପରିସ୍ରା ଜନିତ ଅପରିଚ୍ଛନ୍ନତା ।
- ସାଧାରଣ ସ୍ୱାସ୍ଥ୍ୟ ଦୁର୍ବଳ ଥିଲେ ।
- ସନ୍ତାନ ପ୍ରସବ ସମୟରେ ଅପରିଚ୍ଛନ୍ନତା ।

ଝିଅଟି ସ୍ନାନ କରୁଛି ।



ଝିଅଟି ଅନ୍ତଃବସ୍ତ୍ର ସଫାକରି୍ ଖରାରେ୍ ଶୁଖାଉଛି ।



**ଯୌନ ସଂକ୍ରମଣର ଲକ୍ଷଣ:**

- ଅସ୍ୱାଭାବିକ ଯୋନିଗତ ସ୍ରାବ ଯାହାକି ଦୁର୍ଗନ୍ଧ ଯୁକ୍ତ ହୋଇଥିବ ଏବଂ ହଳଦିଆ କିମ୍ବା ସବୁଜ ରଙ୍ଗର ହୋଇଥିବ ।
- ତଳି ପେଟରେ ଯନ୍ତ୍ରଣା ।
- ଯୌନାଙ୍ଗ କୁଣ୍ଡାଇ ହେବା ।
- ପରିସ୍ରା ନଳୀ ଜଳା ପୋଡ଼ା ହେବା ।
- ଜଙ୍ଘ ସନ୍ଧିରେ ବା ଯୌନାଙ୍ଗରେ ଘା' ହେବା ।
- ପୀଡ଼ା ଦାୟକ କ୍ଷତ ହେବା ।
- ସହବାସ ସମୟରେ ପୀଡ଼ା ହେବା ।

ମାଟି ଖୋଳି ଅନ୍ତଃବସ୍ତ୍ର ପୋତୁଛି ।



# ନିଜର ସୁରକ୍ଷା



## କଣ କରିବା ଉଚିତ୍ ?

* ଅଚିହ୍ନା ଲୋକଙ୍କଠାରୁ ଉଚିତ୍ ଦୂରରେ ରହି କଥାବାର୍ତ୍ତା କରିବା ଦରକାର ।
* ସବୁବେଳେ ସାଙ୍ଗ ସାଥୀଙ୍କ ଗହଣରେ ରହିବା ଉଚିତ୍ ।
* ସନ୍ଧ୍ୟା ପୂର୍ବରୁ ଘରକୁ ବା ହଷ୍ଟେଲକୁ ଫେରିବା ଉଚିତ୍ ।



* ଜନଗହଳି ଥିବା ରାସ୍ତାରେ ସବୁବେଳେ ଯିବା ଆସିବା କରିବା ଉଚିତ୍ ।
* ଅନ୍ଧାରିଆ ରାସ୍ତାକୁ ପରିତ୍ୟାଗ କରିବା ଦରକାର ।



* ସାଥିରେ ଟର୍ଚ୍ଚ ଇତ୍ୟାଦି ରଖିବା ଦରକାର ।
* କିଛି ଅପ୍ରୀତିକର ପରିସ୍ଥିତି ଅନୁଭବ କଲେ ଘର ଲୋକଙ୍କ ନଜରକୁ ଆଣିବା ଦରକାର ।